



ଏହା ଏକ ୱିଣ୍ଡୋଜ ଆଧାରିତ ଟୁଲ ଯାହା ବିଭିନ୍ନ ୟୁନିକୋଡ ସମର୍ଥିତ ଟେକ୍ସଟ ଏଡିଟର ଯଥା ଏମଏସ ୱାର୍ଡ, ଏକ୍ସେଲ, ପାୱାର ପଏଣ୍ଟ, ଇନଡିଜାଇନ, ୱାର୍ଡ ପ୍ୟାଡ, ନୋଟ୍‌ପ୍ୟାଡ, ଇଣ୍ଟରନେଟ ବ୍ରାଉଜର ଇତ୍ୟାଦିରେ ଓଡ଼ିଆ ଭାଷାରେ ଲେଖିବା ପାଇଁ ୪ଟି କୀବୋର୍ଡ ପ୍ରଦାନ କରିଥାଏ । ୱେବ ପ୍ରକାଶନ ତଥା ପାରମ୍ପରିକ ଡେସ୍କଟପ ପ୍ରକାଶନ ପାଇଁ ଓଡ଼ିଆ ଭାଷାରେ ଗୁଣାତ୍ମକ ପାଠ୍ୟ ବିଷୟବସ୍ତୁ ସୃଷ୍ଟି କରିବା ପାଇଁ ଏହା ଏକ ସମ୍ପୂର୍ଣ୍ଣ ଅତ୍ୟାଧୁନିକ ସମାଧାନ ପ୍ରଦାନ କରେ । ଏହା କେବଳ ଓଡିଆ ୟୁନିକୋଡ୍ ଫଣ୍ଟକୁ ସମର୍ଥନ କରିଥାଏ ।

**ଟିପ୍ପଣୀ:** ଉତ୍ତମ ଅନୁଭବ ପାଇବାକୁ ହେଲେ ୟୁନିକୋଡ ସମର୍ଥିତ ଆଧୁନିକ ଆପ୍ଲିକେସନ ଏବଂ ବ୍ରାଉଜରରେ ଓଡ଼ିଆ ସଫ୍ଟୱେୟାର ବ୍ୟବହାର କରିବାକୁ ଆମେ ସୁପାରିଶ କରୁ ।

## ଓଡ଼ିଆ କୀବୋର୍ଡ ସଫ୍ଟୱେୟାର ପଞ୍ଜୀକରଣ:

**ଅନଲାଇନ ପଞ୍ଜୀକରଣ:**

ସଫ୍ଟୱେୟରଟି ଠିକ୍ ଭାବରେ ଇନଷ୍ଟଲ ହେବାପରେ ଇଣ୍ଟରନେଟ ସଂଯୋଗ ଥିବା ସମୟରେ ୱେବ ପଞ୍ଜୀକରଣ ଫର୍ମରେ ନିଜର ବିବରଣୀ ଦିଅନ୍ତୁ ଓ "ସବମିଟ ଇନଫର୍ମେସନ" ବଟନ ଦବାଇ ଦାଖଲ କରନ୍ତୁ । ଆବଶ୍ୟକୀୟ ସିରିୟଲ ଆଇଡ଼ି ଆପେ ଆପେ ଆସିଯିବ । ତା ପରେ "ରେଜିଷ୍ଟର ପ୍ରଡକ୍ଟ" ବଟନ ଦବାନ୍ତୁ । ଟୁଲଟି ପଞ୍ଜୀକୃତ ହୋଇଯିବ ଓ ଚାଲୁ ହୋଇଯିବ । ସଫ୍ଟୱେୟରଟି ଠିକ୍ ଭାବରେ ଇନଷ୍ଟଲ ହେବାପରେ, ଓଡ଼ିଆରେ ସହଜରେ ଟାଇପ ହୋଇ ପାରିବ ।




**ଅଫଲାଇନ ପଞ୍ଜୀକରଣ:**

ଯଦି ଅନଲାଇନ ପଞ୍ଜୀକରଣ ସମୟରେ କିଛି ସମସ୍ୟାର ସମ୍ମୁଖୀନ ହୁଅନ୍ତି ତେବେ, "ରେଫେରେନ୍ସ ଆଉଡ଼ି"କୁ ଏହି (୮୯୧୭୬୦୮୪୮୫) ନମ୍ବରରେ ହ୍ୱାଟ୍ସଆପ କରନ୍ତୁ । ଆପଣଙ୍କୁ ସିରିୟଲ ଆଇଡ଼ି ମିଳିଯିବ । ଏହି ଆଇଡିକୁ ବ୍ୟବହାର କରି ଆପଣ ଏହାକୁ ରେଜିଷ୍ଟର କରି ପାରିବେ ।

ଆପଣଙ୍କର ବ୍ୟକ୍ତିଗତ ସୂଚନା ଭବିଷ୍ୟତରେ ନୂଆ ସଂସ୍କରଣ ବାବଦରେ ଆପଣଙ୍କୁ ଜଣାଇବାକୁ ଓ କୌଣସି ସମସ୍ୟାରେ ସାହାଯ୍ୟ କରିବାକୁ ଆମେ ସଂଗ୍ରହ କରିଥାଉ ।

## ଓଡ଼ିଆ କୀବୋର୍ଡ ଚାଲୁ କରିବା:


ପ୍ରୋଗ୍ରାମ ମେନୁ ଭିତରକୁ ଯାଇ ଓଡ଼ିଆ ଲିପି କୀବୋର୍ଡ ଉପରେ କ୍ଲିକ୍ କରନ୍ତୁ ଓ ସଫ୍ଟୱେୟରଟିକୁ ଚାଲୁ କରନ୍ତୁ ।




***ଚିତ୍ର : ଡେସ୍କଟପ ଓଡ଼ିଆ ଲିପି କୀବୋର୍ଡ ଆଇକନ***

ନ ହେଲେ ଡେସ୍କଟପରେ ଓଡ଼ିଆ ଲିପି କୀବୋର୍ଡ ଆଇକନ ଉପରେ କ୍ଲିକ କରନ୍ତୁ । ଏହା ଓଡ଼ିଆ ଇନପୁଟ ଟୁଲକୁ ସିଧା ସିଧା ଚାଲୁ କରିଦିଏ ।

## ଓଡ଼ିଆ ଲିପି କୀବୋର୍ଡ ବନ୍ଦ କରିବା:





*ଚିତ୍ର : ଓଡ଼ିଆ ଲିପି କୀବୋର୍ଡ ବନ୍ଦ କରିବା*

ସିଷ୍ଟମ ଟ୍ରେରେ ଥିବା ଓଡ଼ିଆ ଇନପୁଟ ଟୁଲ ଆଇକନ ଉପରେ ରାଇଟ କ୍ଲିକ କଲେ ଏକ୍ସିଟ ବଟନ ଆସିବ । ସେଥିରେ କ୍ଲିକ କରି ଏହାକୁ ବନ୍ଦ କରି ହେବ ନ ହେଲେ ଟୁଲବାରର ଏକ୍ସିଟ ବଟନ ଉପରେ କ୍ଲିକ କଲେ ବି ହେବ ।

## ଭାଷା ଚୟନ:

ସିଷ୍ଟମ ଟ୍ରେରେ ଥିବା ଓଡ଼ିଆ ଇନପୁଟ ଟୁଲ ଆଇକନ ଉପରେ ରାଇଟ କ୍ଲିକ କରି ଭାଷା ବିକଳ୍ପକୁ ବାଛି ହେବ ।




*ଚିତ୍ର: ଭାଷା ଚୟନ*

କିମ୍ବା

ନିମ୍ନ କୀବୋର୍ଡ ସର୍ଟକଟ ମାଧ୍ୟମରେ ବି କୀବୋର୍ଡ ଭାଷାକୁ ବଦଳାଇ ହେବ ।


**ଭାଷା ବଦଳାଇବାର କୀବୋର୍ଡ ସର୍ଟକଟ୍**

**ଓଡ଼ିଆ ଭାଷା** [Odia]: Ctrl +Alt + O

**ଇଂରାଜୀ ଭାଷା** [English]: Ctrl +Alt + E

## କୀବୋର୍ଡ ଚୟନ:

ଓଡ଼ିଆରେ ଟାଇପ କରିବା ଲାଗି ଇଜି (Easy), **ଫୋନେଟିକ** (Phonetic), **ଇନସ୍କ୍ରିପ୍ଟ** (Inscript) **ବା ଟାଇପ ରାଇଟର** (Typewriter) **କୀବୋର୍ଡ ଚୟନ କରିହେବ ।**







*ଚିତ୍ର: କୀବୋର୍ଡ ବାଛନ୍ତୁ*

ନିଜ ଆବଶ୍ୟତା ହିସାବରେ ଯେ କୌଣସି ଆପ୍ଲିକେସନ ଖୋଲି ଫଣ୍ଟ ମେନୁରୁ ନିଜ ପସନ୍ଦର ଓଡ଼ିଆ ୟୁନିକୋଡ ଫଣ୍ଟ ବାଛି ଟାଇପିଂ କରି ହେବ।

## ଓଡ଼ିଆ ଇଜି କୀବୋର୍ଡ




**ଖୁବ୍ କମ୍ କୀ ମନେ ରଖି ବହୁତ ସହଜରେ ଇଜି ଓଡ଼ିଆ କୀବୋର୍ଡରେ ଟାଇପ କରି ହେବ।**




***ଚିତ୍ର: ସବୁଜ ରଙ୍ଗର କୀଗୁଡ଼ିକ ଉଚ୍ଚାରଣ ହିସାବରେ ଇଂରାଜୀ ଅକ୍ଷର ସହିତ ମେଳ ଖାଉଥିବାରୁ ସେଗୁଡ଼ିକୁ ମନେ ରଖିବା ସହଜ। କେବଳ ବାଇଗଣି ରଙ୍ଗର କୀଗୁଡ଼ିକୁ ମନେ ରଖିବାକୁ ହେବ।***

ଏହି ଟୁଲ ସାହାଯ୍ୟରେ ବହୁତ ସହଜରେ ଓଡ଼ିଆ ଅକ୍ଷର ଟାଇପ କରି ହୁଏ। ଜଣେ ନୂଆ ଲୋକ ଏହାକୁ ସହଜରେ ଆୟତ୍ତ କରି ନେଇ ପାରିବ। ଇଂରାଜୀ କୀର ଉଚ୍ଚାରଣ ହିସାବରେ ଓଡ଼ିଆ ଅକ୍ଷର ସହଜରେ ଅନୁମାନ କରି ନେଇ ହେବ। ଇଂରାଜୀ କୀ ସହ ମେଳ ଖାଉ ନ ଥିବା ଅଳ୍ପ କେତୋଟି କୀଗୁଡ଼ିକୁ ଯାହା ମନେ ରଖିବାକୁ ହେବ। ଏହାର ଅଧିକାଂଶ ଅକ୍ଷର ଇଂରାଜୀ ଫୋନେଟିକ କୀବୋର୍ଡ ସହିତ ସମାନ। ଯୁକ୍ତାକ୍ଷର ପାଇଁ ପ୍ରଥମ ଅକ୍ଷର ପରେ ହଲନ୍ତ (୍) ଟାଇପ କରି ତା ପରେ ପରବର୍ତ୍ତୀ ଅକ୍ଷର ଟାଇପ କରିବାକୁ ହେବ।

# ଓଡ଼ିଆ ଅକ୍ଷର

ଓଡ଼ିଆରେ ଶବ୍ଦଟିଏ ଲେଖିବା ଆଗରୁ ଓଡ଼ିଆ ଅକ୍ଷର କେମିତି ଟାଇପ କରାଯାଏ ତାହା ଜାଣିବା ଦରକାର ।

- **ସ୍ୱର**

| | | | | | |
|---|---|---|---|---|---|
| ଅ | ଆ | ଇ | ଈ | ଉ | ଊ |
| \ | \| | ] | } | [ | { |
| ଋ | ଏ | ଐ | ଓ | ଔ | |
| = | w | W | q | Q | |

- **ବ୍ୟଞ୍ଜନ**

| | | | | |
|---|---|---|---|---|
| କ | ଖ | ଗ | ଘ | ଙ |
| k | K | g | G | f |
| ଚ | ଛ | ଜ | ଝ | ଞ |
| c | C | j | J | F |
| ଟ | ଠ | ଡ | ଢ | ଣ |
| z | Z | x | X | N |
| ତ | ଥ | ଦ | ଧ | ନ |
| t | T | d | D | n |
| ପ | ଫ | ବ | ଭ | ମ |
| p | P | b | B | m |
| ଯ | ୟ | ର | ଲ | ଳ |
| y | Y | r | l | L |
| ୱ | ସ | ଶ | ଷ | ହ |
| V | s | S | A | h |

- **ବହୁଳ ବ୍ୟବହୃତ ଯୁକ୍ତାକ୍ଷର ଓ ବିଶେଷ ଚିହ୍ନ**

| | | | | |
|---|---|---|---|---|
| ◌୍ୟ | ◌୍ୱ | କ୍ଷ | ଜ୍ଞ | ତ୍ର |
| $ | % | ^ | & | * |
| ର୍◌ | ◌୍ର | ₹ | ✓ | ଽ |
| @ | # | ` | + | _ |

- ମାତ୍ରା

| | | | | |
|---|---|---|---|---|
| ◌ା | ◌ି | ◌ୀ | ◌ୁ | ◌ୂ |
| a | i | I | u | U |
| ◌ୃ | ◌େ | ◌ୈ | ◌ୋ | ◌ୌ |
| R | e | E | o | O |

- ସଂଖ୍ୟା ଓ ଅତିରିକ୍ତ ଚିହ୍ନ

| | | | | |
|---|---|---|---|---|
| ୧ | ୨ | ୩ | ୪ | ୫ |
| 1 | 2 | 3 | 4 | 5 |
| ୬ | ୭ | ୮ | ୯ | ୦ |
| 6 | 7 | 8 | 9 | 0 |

| | | | | |
|---|---|---|---|---|
| ( | ) | - | ; | : |
| ( | ) | - | ; | : |
| ‘ | ’ | , | ? | |
| ' | " | , | ? | |

- **ହଳନ୍ତ (v)**

◌୍ (v)

ସତ୍ = ସ(s) ତ(t) ◌୍(v)

- **ବିଚ୍ଛେଦକ (Non-joiner) ( !)**

◌୍ (!)

ଫାଲ୍‌ଗୁନ = ଫ(P) ◌ା(a) ଲ(l) ◌୍(!) ଗ(g) ◌ୁ(u) ନ(n)

- **ସଂଲଗ୍ନକ (Joiner) (~)**

◌୍(~)

ର‍୍ୟାଙ୍କ = ର(r) ◌୍(~) ◌ା(a) ଙ(f) ◌୍(v) କ(k)

- **ନୁକ୍ତା (Nukta) (/)**

◌଼(/)

ଡ଼(x/) ଢ଼(X/)

ଓଡ଼ିଶା = ଓ(q) ଡ(x) ◌଼(/) ◌ି(i) ଶ(S) ◌ା(a)

- **ଅନୁସ୍ୱାର (M)**

◌ଂ(M)

ହଂସ = ହ(h) ◌ଂ(M) ସ(s)

- ଚନ୍ଦ୍ରବିନ୍ଦୁ (<)

◌ଁ(<)

ମୁହଁ = ମ(m) ◌ୁ(u) ହ(h) ◌ଁ(<)

- ବିସର୍ଗ (H)

◌ଃ(H)

ଦୁଃଖ = ଦ(d) ◌ୁ(u) ◌ଃ(H) ଖ(K)

- ପୂର୍ଣ୍ଣଛେଦ (.)

।

- ଯୁଗ୍ମ ପୂର୍ଣ୍ଣଛେଦ (>)

·॥

- ରଫଳା (#)

◌୍ର(#)

ଚକ୍ର = ଚ(c) କ(k) ◌୍ର(#)

- **ରେଫ୍ (@)**

ର୍(@)

ଧର୍ମ = ଧ(D) ର୍(@) ମ(m)

- **ଯୁକ୍ତାକ୍ଷର:**

ଓଡ଼ିଆ ଭାଷାରେ ନିମ୍ନ ଯୁକ୍ତାକ୍ଷରଗୁଡ଼ିକର ବହୁଳ ପ୍ରୟୋଗ ହୋଇଥାଏ।

କ୍କ = କ ୍ କ

କ୍ତ = କ ୍ ତ

କ୍ତ୍ର = କ ୍ ତ ୍ ର

କ୍ନ = କ ୍ ନ

କ୍ୱ = କ ୍ ୱ

କ୍ମ = କ ୍ ମ

କ୍ର = କ ୍ ର

କ୍ସ = କ ୍ ସ

କ୍ଷ = କ ୍ ଷ

କ୍ଷ୍ଣ = କ ୍ ଷ ୍ ଣ

କ୍ଷ୍ୟ = କ ୍ ଷ ୍ ଯ

କ୍ୟ = କ ୍ ଯ

କ୍ଲ = କ ୍ ଲ

ଖ୍ର = ଖ ୍ ର

ଖ୍ୟ =ଖ ୍ ଯ

ଗ୍ଦ = ଗ ୍ ଦ

ଗ୍ଧ = ଗ ୍ ଧ

ଗ୍ନ = ଗ ୍ ନ

ଗ୍ମ = ଗ ୍ ମ

ଗ୍ୟ =ଗ ◌୍ ଯ

ଗ୍ଳ = ଗ ◌୍ ଳ

ଗ୍ଲ = ଗ ◌୍ ଲ

ଘ୍ନ = ଘ ◌୍ ନ

ଘ୍ୟ =ଘ ◌୍ ଯ

ଘ୍ର = ଘ ◌୍ ର

ଙ୍କ = ଙ ◌୍ କ

ଙ୍କ୍ଷ = ଙ ◌୍ କ ◌୍ ଷ

ଙ୍ଖ = ଙ ◌୍ ଖ

ଙ୍ଗ = ଙ ◌୍ ଗ

ଙ୍ଘ = ଙ ◌୍ ଘ

ଚ୍ଚ = ଚ ◌୍ ଚ

ଚ୍ଛ = ଚ ◌୍ ଛ

ଚ୍ଛ୍ୱ = ଚ ◌୍ ଛ ◌୍ ୱ

ଚ୍ଞ = ଚ ◌୍ ଞ

ଚ୍ୟ =ଚ ◌୍ ଯ

ଞ୍ଚ = ଞ ◌୍ ଚ

ଞ୍ଛ = ଞ ◌୍ ଛ

ଞ୍ଜ = ଞ ◌୍ ଜ

ଞ୍ଝ = ଞ ◌୍ ଝ

ଟ୍ଟ = ଟ ◌୍ ଟ

ଟ୍ୱ = ଟ ◌୍ ୱ

ଟ୍ର = ଟ ◌୍ ର

ଟ୍ୟ = ଟ ◌୍ ଯ

ଠ୍ୟ = ଠ ◌୍ ଯ

ଡ୍ଗ = ଡ ◌୍ ଗ

ଡ୍ଡ = ଡ ◌୍ ଡ

ଡ୍ୟ = ଡ ◌୍ ୟ

ଡ୍ର = ଡ ◌୍ ର

ଢ୍ର = ଢ ◌୍ ର

ଣ୍ଟ = ଣ ◌୍ ଟ

ଣ୍ଠ = ଣ ◌୍ ଠ

ଣ୍ଢ = ଣ ◌୍ ଢ

ତ୍କ = ତ ◌୍ କ

ତ୍ତ = ତ ◌୍ ତ

ତ୍ତ୍ୱ = ତ ◌୍ ତ ◌୍ ୱ

ତ୍ଥ = ତ ◌୍ ଥ

ତ୍ନ = ତ ◌୍ ନ

ତ୍ପ = ତ ◌୍ ପ

ତ୍ୱ = ତ ◌୍ ୱ

ତ୍ମ = ତ ◌୍ ମ

ତ୍ମ୍ୟ = ତ ◌୍ ମ ◌୍ ୟ

ତ୍ୟ = ତ ◌୍ ୟ

ତ୍ର = ତ ◌୍ ର

ତ୍ସ = ତ ◌୍ ସ

ତ୍ସ୍ନ = ତ ◌୍ ସ ◌୍ ନ

ତ୍ସ୍ୟ = ତ ◌୍ ସ ◌୍ ୟ

ଥ୍ୟ = ଥ ◌୍ ୟ

ଦ୍ଗ = ଦ ◌୍ ଗ

ଦ୍ଘ = ଦ ◌୍ ଘ

ଦ୍ଦ = ଦ ◌୍ ଦ

ଦ୍ଧ = ଦ ◌୍ ଧ

ଦ୍ନ = ଦ ◌୍ ନ

ଦ୍ୱ = ଦ ◌୍ ୱ

ଦ୍ମ = ଦ ◌୍ ମ

ଦ୍ୟ =  ଦ ◌୍ ୟ

ଦ୍ର = ଦ ◌୍ ର

ଧ୍ନ = ଧ ◌୍ ନ

ଧ୍ୱ = ଧ ◌୍ ୱ

ଧ୍ୟ = ଧ ◌୍ ୟ

ନ୍ତ = ନ ◌୍ ତ

ନ୍ତ୍ୱ = ନ ◌୍ ତ ◌୍ ୱ

ନ୍ତ୍ର = ନ ◌୍ ତ ◌୍ ର

ନ୍ତ୍ର୍ୟ = ନ ◌୍ ତ ◌୍ ର ◌୍ ୟ

ନ୍ଥ = ନ ◌୍ ଥ

ନ୍ଦ = ନ ◌୍ ଦ

ନ୍ଦ୍ୱ = ନ ◌୍ ଦ ◌୍ ୱ

ନ୍ଦ୍ୟ = ନ ◌୍ ଦ ◌୍ ୟ

ନ୍ଦ୍ର = ନ ◌୍ ଦ ◌୍ ର

ନ୍ଧ = ନ ◌୍ ଧ

ନ୍ଧ୍ୟ = ନ ◌୍ ଧ ◌୍ ୟ

ନ୍ଧ୍ର = ନ ◌୍ ଧ ◌୍ ର

ନ୍ୱ = ନ ◌୍ ୱ

ନ୍ନ = ନ ◌୍ ନ

ନ୍ନ୍ୟ = ନ ◌୍ ନ ◌୍ ୟ

ନ୍ୟ = ନ ◌୍ ୟ

ପ୍ଟ = ପ ◌୍ ଟ

ପ୍ତ = ପ ◌୍ ତ

ପ୍ପ = ପ ◌୍ ପ

ପ୍ୱ = ପ ◌୍ ୱ

ପ୍ର = ପ ◌୍ ର

ପ୍ଲ = ପ ◌୍ ଲ

ପ୍ଳ = ପ ◌୍ ଳ

ପ୍ସ =  ପ ◌୍ ସ

ଫ୍ର =  ଫ ◌୍ ର

ଫ୍ଟ = ଫ ◌୍ ଟ

ବ୍ଧ = ବ ◌୍ ଧ

ବ୍ଜ = ବ ◌୍ ଜ

ବ୍ଦ = ବ ◌୍ ଦ

ବ୍ବ = ବ ◌୍ ବ

ବ୍ୟ = ବ ◌୍ ୟ

ବ୍ର = ବ ◌୍ ର

ବ୍ଲ = ବ ◌୍ ଲ

ଭ୍ୟ = ଭ ◌୍ ୟ

ଭ୍ର = ଭ ◌୍ ର

ମ୍ନ = ମ ◌୍ ନ

ମ୍ପ = ମ ◌୍ ପ

ମ୍ଫ = ମ ◌୍ ଫ

ମ୍ବ = ମ ◌୍ ବ

ମ୍ଭ = ମ ◌୍ ଭ

ମ୍ମ = ମ ◌୍ ମ

ମ୍ୟ = ମ ◌୍ ୟ

ମ୍ର = ମ ◌୍ ର

ମ୍ଳ = ମ ◌୍ ଳ

ଯ୍ର = ଯ ◌୍ ର

ଯ୍ୟ = ଯ ◌୍ ୟ

ର୍କ = ର ◌୍ କ

ର୍ଖ = ର ◌୍ କ

ର୍ଗ = ର ◌୍ ଗ

ର୍ଘ = ର ◌୍ ଘ

ର୍ଘ୍ୟ = ର ◌୍ ଘ ◌୍ ୟ

ର୍ଚ = ର ◌୍ ଚ

ର୍ଛ = ର ◌୍ ଛ

ର୍ଛ୍ଛ = ର ◌୍ ଛ ◌୍ ଛ

ର୍ଜ = ର ◌୍ ଜ

ର୍ଝ = ର ◌୍ ଝ

ର୍ଟ = ର ◌୍ ଟ

ର୍ଣ = ର ◌୍ ଣ

ର୍ଣ୍ଣ = ର ◌୍ ଣ ◌୍ ଣ

ର୍ତ = ର ◌୍ ତ

ର୍ତ୍ତ୍ୟ = ର ◌୍ ତ ◌୍ ତ ◌୍ ୟ

ର୍ତ୍ସ୍ୟ = ର ◌୍ ତ ◌୍ ସ ◌୍ ୟ

ର୍ଥ = ର ◌୍ ଥ

ର୍ଦ = ର ◌୍ ଦ

ର୍ଦ୍ର = ର ◌୍ ଦ ◌୍ ର

ର୍ଦ୍ଧ୍ୟ = ର ◌୍ ଦ ◌୍ ଧ ◌୍ ୟ

ର୍ଧ = ର ◌୍ ଧ

ର୍ନ = ର ◌୍ ନ

ର୍ପ = ର ◌୍ ପ

ର୍ଫ = ର ◌୍ ଫ

ର୍ବ = ର ◌୍ ବ

ର୍ଭ = ର ◌୍ ଭ

ର୍ମ = ର ◌୍ ମ

ର୍ଯ = ର ◌୍ ଯ

ର୍ଯ୍ୟ = ର ◌୍ ଯ ◌୍ ୟ

ର୍ଲ = ର ◌୍ ଲ

ର୍ଶ = ର ◌୍ ଶ

ର୍ଶ୍ୱ = ର ◌୍ ଶ ◌୍ ୱ

ର୍ସ = ର ◌୍ ସ

ର୍ଷ = ର ◌୍ ଷ

ର୍ହ = ର ◌୍ ହ

ଲ୍କ = ଲ ◌୍ କ

ଲ୍ଗ = ଲ ◌୍ ଗ

ଲ୍ୱ = ଲ ◌୍ ୱ

ଲ୍ୟ = ଲ ◌୍ ଯ

ଲ୍ଗ = ଲ ◌୍ ଗ

ଳ୍କ = ଳ ◌୍ କ

ଳ୍ପ = ଳ ◌୍ ପ

ଳ୍ଫ = ଳ ◌୍ ଫ

ଳ୍ଭ = ଳ ◌୍ ଭ

ଳ୍ମ = ଳ ◌୍ ମ

ଶ୍ଚ = ଶ ◌୍ ଚ

ଶ୍ଛ = ଶ ◌୍ ଛ

ଶ୍ନ = ଶ ◌୍ ନ

ଶ୍ୱ = ଶ ◌୍ ୱ

ଶ୍ମ = ଶ ◌୍ ମ

ଶ୍ୟ = ଶ ◌୍ ଯ

ଶ୍ର = ଶ ◌୍ ର

ଶ୍ଲ = ଶ ◌୍ ଲ

ଷ୍କ = ଷ ◌୍ କ

ଷ୍କ୍ର = ଷ ◌୍ କ ◌୍ ର

ଷ୍ଟ = ଷ ◌୍ ଟ

ଷ୍ଟ୍ର = ଷ ◌୍ ଟ ◌୍ ର

ଷ୍ଠ = ଷ ◌୍ ଠ

ଷ୍ଠ୍ର = ଷ ◌୍ ଠ ◌୍ ର

ଷ୍ଣ = ଷ ◌୍ ଣ

ଷ୍ପ = ଷ ◌୍ ପ

ଷ୍ପ୍ର = ଷ ◌୍ ପ ◌୍ ର

ଷ୍ଫ = ଷ ◌୍ ଫ

ଷ୍ୟ = ଷ ◌୍ ୟ

ଷ୍ର = ଷ ◌୍ ର

ସ୍କ = ସ ◌୍ କ

ସ୍ଖ = ସ ◌୍ ଖ

ସ୍ତ = ସ ◌୍ ତ

ସ୍ତ୍ୱ = ସ ◌୍ ତ ◌୍ ୱ

ସ୍ତ୍ୟ = ସ ◌୍ ତ ◌୍ ୟ

ସ୍ତ୍ର = ସ ◌୍ ତ ◌୍ ର

ସ୍ଥ = ସ ◌୍ ଥ

ସ୍ଥ୍ୟ = ସ ◌୍ ଥ ◌୍ ୟ

ସ୍ନ = ସ ◌୍ ନ

ସ୍ପ = ସ ◌୍ ପ

ସ୍ଫ = ସ ◌୍ ଫ

ସ୍ୱ = ସ ◌୍ ୱ

ସ୍ମ = ସ ◌୍ ମ

ସ୍ୟ = ସ ◌୍ ୟ

ସ୍ର = ସ ◌୍ ର

ସ୍ଲ = ସ ◌୍ ଲ

ହ୍ୱ = ହ ◌୍ ୱ

ହ୍ମ = ହ ◌୍ ମ

ହ୍ୟ = ହ ୍ ୟ

ହ୍ର = ହ ୍ ର

ହ୍ଲ = ହ ୍ ଲ

# ଓଡ଼ିଆ ଫୋନୋଟିକ କୀବୋର୍ଡ

ଅତି ପ୍ରାଚୀନ ସଂସ୍କୃତ ଭାଷା ବହୁ ଭାରତୀୟ ଭାଷାର ଜନନୀ ହୋଇ ଥିବାରୁ ସଂସ୍କୃତ ଭାଷାର ଉଚ୍ଚାରଣକୁ ଆଧାର କରି ଫୋନେଟିକ କୀବୋର୍ଡର ବିକାଶ କରା ଯାଇଛି । ତେଣୁ କୌଣସି ଇଂରାଜୀ କୀ ଟାଇପ କଲେ ସ୍ୱରବର୍ଣ୍ଣ ଭିନ୍ନ ସମୋଚ୍ଚାରିତ ଓଡ଼ିଆ ଅକ୍ଷର ହଳନ୍ତ ସହିତ ଆସିଯାଏ । ଏଠାରେ ହଳନ୍ତ ଉହ୍ୟ ଥାଏ । ତେଣୁ ଯୁକ୍ତାକ୍ଷର ଟାଇପ କରିବାକୁ ଆଉ ହଳନ୍ତ ଟାଇପ କରିବାକୁ ହୁଏ ନାହିଁ । ଦୁଇଟି ବ୍ୟଞ୍ଜନକୁ ଗୋଟିଏ ପରେ ଗୋଟିଏ ଲେଖିଲେ ଆପେ ଯୁକ୍ତାକ୍ଷର ଆସିଯାଏ ।  ତେଣୁ କେବଳ ବ୍ୟଞ୍ଜନବର୍ଣ୍ଣକୁ ଯଥାରୂପ ରଖିବାକୁ ହେଲେ ତା ପରେ ଇଂରାଜୀ କୀ “a” ଟାଇପ କରିବାକୁ ପଡ଼ିଥାଏ ।

| | | | | | | | |
|---|---|---|---|---|---|---|---|
| ଅ | a | ଆ | A, aa | ଇ | i | ଈ | I, ee |
| ଉ | u | ଊ | U, oo | ଋ | R | | |
| ଏ | e | ଐ | ai | ଓ | o | ଔ | au |

ଅର୍ଦ୍ଧ ବ୍ୟଞ୍ଜନ  (ହଳନ୍ତ ଉହ୍ୟ ରହିଛି):

k= କ୍, kh=ଖ୍ , ଇତ୍ୟାଦି

ପୂର୍ଣ୍ଣ ବ୍ୟଞ୍ଜନ:

ka= କ, kha= ଖ, ଇତ୍ୟାଦି

ମାତ୍ରାଯୁକ୍ତ ବ୍ୟଞ୍ଜନ:

kA = କା, ki= କି, kI= କୀ, ku= କୁ, kU= କୂ,

kR= କୃ, ke= କେ, kai = କୈ,  ko= କୋ, kau = କୌ

ଯୁକ୍ତାକ୍ଷର:

kka= କ୍କ, ska= ସ୍କ, ଇତ୍ୟାଦି ।

ମାତ୍ରାଯୁକ୍ତ ଯୁକ୍ତାକ୍ଷର:

ski= ସ୍କି, sku= ସ୍କୁ, and so on.

ଫୋନେଟିକ କୀବୋର୍ଡରେ ଓଡ଼ିଆ ଅକ୍ଷରମାନଙ୍କର ରୂପରେଖ:

**ସ୍ୱର**

| | | | | | |
|---|---|---|---|---|---|
| a | ଅ | u | ଉ | e | ଏ |
| A / aa | ଆ | U / oo | ଊ | ai | ଐ |
| i | ଇ | R | ଋ | o | ଓ |
| I /ee | ଈ | | | au | ଔ |

**ବ୍ୟଞ୍ଜନ**

| | | | | | | | | | |
|---|---|---|---|---|---|---|---|---|---|
| ka | କ | ca | ଚ | Ta | ଟ | ta | ତ | pa | ପ |
| kha | ଖ | cha | ଛ | Tha | ଠ | tha | ଥ | pha | ଫ |
| ga | ଗ | ja | ଜ | Da | ଡ | da | ଦ | ba | ବ |
| gha | ଘ | jha | ଝ | Dha | ଢ | dha | ଧ | bha | ଭ |
| NGa | ଙ | NYa | ଞ | Na | ଣ | na | ନ | ma | ମ |

| | | | | | | | | | |
|---|---|---|---|---|---|---|---|---|---|
| Ja | ଯ | La | ଳ | wa | ୱ | Sa | ଷ | ha | ହ |
| ra | ର | la | ଲ | sha | ଶ | sa | ସ | ya | ୟ |

| | | | | | |
|---|---|---|---|---|---|
| D. | ଡ଼ | Dh. | ଢ଼ | kSa / xa | କ୍ଷ |
| M | ◌ଂ | Y | ◌ଁ | H | ◌ଃ |

**ବନା**

| | | | | | | | | | |
|---|---|---|---|---|---|---|---|---|---|
| kA | କା | ki | କି | kI | କୀ | ku | କୁ | kU | କୂ |
| kR | କୃ | ke | କେ | kai | କୈ | ko | କୋ | kau | କୌ |
| kaM | କଂ | kaH | କଃ | kaY | କଁ | k! | କ୍ | | |

**ଫଳା**

| | | | | | | | | | |
|---|---|---|---|---|---|---|---|---|---|
| kya | କ୍ୟ | kra | କ୍ର | kLa | କ୍ଳ | Kla | କ୍ଲ | kwa | କ୍ୱ |
| kna | କ୍ନ | kma | କ୍ମ | rka | ର୍କ | | | | |

## ଦୁଇ ବର୍ଣ୍ଣର ସଂଯୋଗ (ଅନୁନାସିକ ସହିତ)

| | | | | | | | | | |
|---|---|---|---|---|---|---|---|---|---|
| nka | ଙ୍କ | nca | ଞ୍ଚ | Nta | ଣ୍ଟ | nta | ନ୍ତ | mpa | ମ୍ପ |
| nkha | ଙ୍ଖ | ncha | ଞ୍ଛ | Ntha | ଣ୍ଠ | ntha | ନ୍ଥ | mpha | ମ୍ଫ |
| nga | ଙ୍ଗ | nja | ଞ୍ଜ | Nda | ଣ୍ଡ | nda | ନ୍ଦ | mba | ମ୍ବ |
| ngha | ଙ୍ଘ | njha | ଞ୍ଝ | Ndha | ଣ୍ଢ | ndha | ନ୍ଧ | mbha | ମ୍ଭ |
| | | | | NNa | ଣ୍ଣ | | | | |

## ଦୁଇ ବର୍ଣ୍ଣର ସଂଯୋଗ (ଅନୁନାସିକ ଭିନ୍ନ)

| | | | | | | | | | |
|---|---|---|---|---|---|---|---|---|---|
| kka | କ୍କ | kta | କ୍ତ | ksa | କ୍ସ | kTa | କ୍ଟ | | |
| gda | ଗ୍ଦ | gdha | ଗ୍ଧ | ggaa | ଗ୍ଗ | | | | |
| cca | ଚ୍ଚ | ccha | ଚ୍ଛ | cNYa | ଚ୍ଞ | | | | |
| jja | ଜ୍ଜ | jjha | ଜ୍ଝ | jNYa | ଜ୍ଞ | | | | |
| TTa | ଟ୍ଟ | | | | | | | | |
| Dga | ଡ୍ଗ | DDa | ଡ୍ଡ | | | | | | |
| tka | ତ୍କ | tta | ତ୍ତ | ttha | ତ୍ଥ | | | | |
| tpa | ତ୍ପ | tsa | ତ୍ସ | | | | | | |
| dga | ଦ୍ଗ | dgha | ଦ୍ଘ | dda | ଦ୍ଦ | ddha | ଦ୍ଧ | D!b | ଦ୍‌ବ |
| dbha | ଦ୍ଭ | dJa | ଦ୍‌ଯ | | | | | | |
| pta | ପ୍ତ | ppa | ପ୍ପ | psa | ପ୍ସ | | | | |
| bja | ବ୍ଜ | bda | ବ୍ଦ | bdha | ବ୍ଧ | bba | ବ୍ବ | | |
| mma | ମ୍ମ | | | | | | | | |
| Lka | ଲ୍କ | Lpa | ଲ୍ପ | Lpha | ଲ୍ଫ | Lva | ଲ୍ଭ | lka | ଲ୍କ |
| lga | ଲ୍ଗ | | | | | | | | |
| shca | ଶ୍ଚ | shcha | ଶ୍ଛ | | | | | | |
| Ska | ଷ୍କ | STa | ଷ୍ଟ | STha | ଷ୍ଠ | SNa | ଷ୍ଣ | Spa | ଷ୍ପ |
| Spha | ଷ୍ଫ | | | | | | | | |
| ska | ସ୍କ | skha | ସ୍ଖ | sta | ସ୍ତ | stha | ସ୍ଥ | spa | ସ୍ପ |
| spha | ସ୍ଫ | | | | | | | | |

## ତିନି ବର୍ଣ୍ଣର ସଂଯୋଗ

| | | | | | | | | | |
|---|---|---|---|---|---|---|---|---|---|
| ktra | କ୍ତ୍ର | kSNa | କ୍ଷ୍ଣ | xya/kSya | କ୍ଷ୍ୟ | NGkta | ଙ୍କ୍ତ | NGx/<br>NGkS | ଙ୍କ୍ଷ |
| jjwa | ଜ୍ଜ୍ୱ | NDra | ଣ୍ଡ୍ର | ttwa | ତ୍ତ୍ୱ | ttra | ତ୍ତ୍ର | tmya | ତ୍ମ୍ୟ |
| tsna | ତ୍ସ୍ନ | tsya | ତ୍ସ୍ୟ | ntya | ନ୍ତ୍ୟ | ntra | ନ୍ତ୍ର | Ntwa | ଣ୍ଟ୍ୱ |
| ndra | ନ୍ଦ୍ର | ndwa | ନ୍ଦ୍ୱ | ndhra | ନ୍ଧ୍ର | ndhya | ନ୍ଧ୍ୟ | nnya | ନ୍ନ୍ୟ |
| mpra | ମ୍ପ୍ର | mbhra | ମ୍ଭ୍ର | rcca | ର୍ଚ୍ଚ | rccha | ର୍ଚ୍ଛ | rNNa | ର୍ଣ୍ଣ |
| rtta | ର୍ତ୍ତ | rddha | ର୍ଦ୍ଧ | rtsa | ର୍ତ୍ସ | rdra | ର୍ଦ୍ର | rJya | ର୍ଯ୍ୟ |
| rshwa | ର୍ଶ୍ୱ | Skra | ଷ୍କ୍ର | STra | ଷ୍ଟ୍ର | Spra | ଷ୍ପ୍ର | stra | ସ୍ତ୍ର |
| Sthya | ଷ୍ଠ୍ୟ | | | | | | | | |

## ଚାରି ବର୍ଣ୍ଣର ସଂଯୋଗ

| | | | | | | | |
|---|---|---|---|---|---|---|---|
| ntrya | ନ୍ତ୍ର୍ୟ | rttya | ର୍ତ୍ତ୍ୟ | rdra | ର୍ଦ୍ର | rddhwa | ର୍ଦ୍ଧ୍ୱ |

## ଅନ୍ୟାନ୍ୟ

H = D. = ଡ଼

Dh. = ଢ଼

shift 9 = (

shift 0 = )

` = ₹

? = ?

shift v = ◌୍

Shift + ` = ସଂଲଗ୍ନକ (JN)

Shift + 1 = ବିଚ୍ଛେଦକ (NJ)

# ଓଡ଼ିଆ ଇନସ୍କ୍ରିପ୍ଟ କୀବୋର୍ଡ




ଯେ କୌଣସି ଭାରତୀୟ ଭାଷାରେ ଟାଇପିଂ କରିବା ଲାଗି ଏହା ହେଉଛି ଏକ ମାନକ କୀବୋର୍ଡ । ଏଥିରେ ଅକ୍ଷରଗୁଡ଼ିକର ସଜାଣି ବାମରୁ ଡାହାଣକୁ ଲେଖା ଯାଉଥିବା ସମସ୍ତ ଭାରତୀୟ ଭାଷା ପାଇଁ ସମାନ । ଭାରତୀୟ ଭାଷାମାନଙ୍କର ବର୍ଣ୍ଣମାଳାରେ ଥିବା ଅକ୍ଷରଗୁଡ଼ିକର ସାମଞ୍ଜସ୍ୟ ଏହାର କାରଣ । ଏଥିରେ ସ୍ୱରବର୍ଣ୍ଣଗୁଡ଼ିକୁ କୀବୋର୍ଡର ବାମ ପାଖରେ ରଖା ଯାଇଛି ଓ ବ୍ୟଞ୍ଜନବର୍ଣ୍ଣଗୁଡ଼ିକୁ ଡାହାଣ ପାଖରେ ରଖା ଯାଇଛି । ଏହା ଏକ ସର୍ବମାନ୍ୟ ଲେଆଉଟ ହୋଇଥିଲେ ବି ନୂଆ ଶିଖାଳୀପାଇଁ ଅପେକ୍ଷାକୃତ କଠିନ ହୋଇପାରେ ।

**ସାଧାରଣ ଅକ୍ଷରଗୁଡ଼ିକର ଟାଇପିଂ:**

ଶିଫ୍ଟ ବିନା ଟାଇପ କଲେ ମାତ୍ରା ଓ ମୃଦୁସ୍ୱରର ବ୍ୟଞ୍ଜନଗୁଡ଼ିକ (କ,ଗ ..) ଆସିଥାଏ । ଶିଫ୍ଟ ସହିତ ଟାଇପ କଲେ ସ୍ୱରବର୍ଣ୍ଣ ଓ ଉଗ୍ରସ୍ୱରର ବ୍ୟଞ୍ଜନଗୁଡ଼ିକ (ଖ,ଘ ..) ଆସିଥାଏ ।

**ଉଦାହରଣ :**

k=କ, i=ଗ, ;=ଚ, ‘=ଟ

K=ଖ, I=ଘ, :=ଛ, “=ଠ

e=◌ା f=◌ି r=◌ୀ a=◌ୋ

E=ଆ F=ଇ R=ଈ A=ଓ

kjgce = କରୁଣା

ctjd;d:ve = ମୂର୍ଚ୍ଛନା

**ଓଡ଼ିଆ ଅକ୍ଷର:**

*ଶବ୍ଦ ଲେଖିବା ଆଗରୁ କିଛି ଜାଣିବା କଥା:*

- **ସ୍ୱର:**

  ଅ ଆ ଇ ଈ ଉ ଊ ଋ ୠ ଏ ଐ ଓ ଔ

- **ବ୍ୟଞ୍ଜନ:**

  କ ଖ ଗ ଘ ଙ

  ଚ ଛ ଜ ଝ ଞ

  ଟ ଠ ଡ ଢ ଣ

  ତ ଥ ଦ ଧ ନ

  ପ ଫ ବ ଭ ମ

  ଯ ର ଲ ଵ

  ଶ ଷ ସ ହ

  ଡ଼ ଢ଼ ୟ ଳ

- **ମାତ୍ରା:**

  ା ି ୀ ୁ ୂ ୃ େ ୈ ୋ ୌ

  କା କି କୀ କୁ କୂ କୃ କେ କୈ କୋ କୌ

- **ସଂଖ୍ୟା ଓ ଅତିରିକ୍ତ ଚିହ୍ନ:**

  ୧ ୨ ୩ ୪ ୫ ୬ ୭ ୮ ୯ ୦

  ! % × ( ) - + = \ | ; : , . < > / ?

- ନୁକ୍ତା:

  ◌଼

  ଡ଼ ଢ଼

  ଓଡ଼ିଶା = ଓ ଡ ◌଼ ◌ି ଶ ◌ା

- ଅନୁସ୍ୱାର:

  ◌ଂ

  ହଂସ = ହ ◌ଂ ସ

- ଚନ୍ଦ୍ରବିନ୍ଦୁ:

  ◌ଁ

  ମୁହଁ = ମ ◌ୁ ହ ◌ଁ

- ବିସର୍ଗ:

  ◌ଃ

  ଦୁଃଖ = ଦ ◌ୁ ◌ଃ ଖ

- ପୂର୍ଣ୍ଣଚ୍ଛେଦ:

  ।

- ବିଶେଷ ଚିହ୍ନ:

  ଽ

  ୰

  *Shft+3* ଓ *Shft+7* ଯେତେବେଳେ Caps lock, Num Lock, Scroll Lock ଚାଲୁ ନ ଥାଏ

- ହଳନ୍ତ:

◌୍

ସତ୍ = ସ ତ ◌୍

- ରଫଳା:

◌୍ର

ଚକ୍ର = ଚ କ ◌୍ ର

- ରେଫ୍:

◌ର୍

ଧର୍ମ = ଧ ର ◌୍ ମ

## ଓଡ଼ିଆ ଟାଇପରାଇଟର କୀବୋର୍ଡ




ଆଜିକାଲି କମ୍ପ୍ୟୁଟରରେ ଟାଇପରାଇଟର କୀବୋର୍ଡ ବହୁତ କମ୍ ବ୍ୟବହୃତ ହୋଇଥାଏ। ପୁରୁଣା ଟାଇପରାଇଟର ମେସିନର କୀ ସଜାଣି ସହିତ ଏହା ପ୍ରାୟତଃ ସମାନ। ୟୁନିକୋଡ ଫଣ୍ଟ ନିର୍ମାଣର ଆବଶ୍ୟକତା ହିସାବରେ ଏଥିରେ ସମାନ୍ୟ ବଦଳ କରା ଯାଇଛି।  କେତେକ ବ୍ୟବହାରକାରୀ ସେମାନଙ୍କ ପୂର୍ବ ଅଭିଜ୍ଞତା ଆଧାରରୁ ଏହାକୁ ପସନ୍ଦ କରିଥାନ୍ତି। କିନ୍ତୁ ନୂଆଶିଖାଳୀ ଓ ଅନ୍ୟ କୀବୋର୍ଡ ବ୍ୟବହାରକାରୀଙ୍କପାଇଁ ଏହାକୁ ଶିଖିବା ଅତ୍ୟନ୍ତ କଷ୍ଟସାଧ୍ୟ।

# ଅଧିକ ସୂଚନା ପାଇଁ:

ଏହି ଇମେଲରେ ଯୋଗାଯୋଗ କରନ୍ତୁ:

support@webcrunchtech.com

ଏହି ହ୍ୱାଟ୍ସଆପ ନମ୍ବରରେ ଯୋଗାଯୋଗ କରନ୍ତୁ:

8917608485